# ବିହଙ୍ଗାବଲୋକନ

# ବିହଙ୍ଗାବଲୋକନ

## I. ସାଧାରଣ

ଏହିରିପୋର୍ଟରେ 27 ଟି ଅନୁଚ୍ଛେଦ ସ୍ଥାନିତ ହୋଇଅଛି । କେତେକ ମୁଖ୍ୟ ସିଦ୍ଧାନ୍ତ ନିମ୍ନରେ ଉଲ୍ଲେଖ କରାଯାଇଛି:

ଅର୍ଥ କମିଶନଙ୍କ ସୁପାରିଶ କ୍ରମେ କେନ୍ଦ୍ରୀୟ ଟିକସ ଭାଗ ଓ ସହାୟକ ଅନୁଦାନରେ ରାଜ୍ୟର କୌଣସି ଭାଗ ନାହିଁ, କିନ୍ତୁ ରାଜ୍ୟର ଚଳମାନୀକରଣ ସାଧନ ଉପରେ ଟିକସ ରାଜସ୍ୱ ଓ ଅଣଟିକସ ରାଜସ୍ୱ ପର୍ଯ୍ୟବେସିତ ଅଟେ ।

ରାଜ୍ୟ ସରକାରଙ୍କ ଦ୍ୱାରା ଆଦାୟ କରାଯାଇଥିବା କର ଓ ଅଣକର ରାଜସ୍ୱର ପ୍ରତିଶତ ରାଜ୍ୟର ସମଗ୍ର ରାଜସ୍ୱର 2018-19 ବର୍ଷରେ 44.79 ପ୍ରତିଶତରୁ 2019-20 ବର୍ଷରେ 46.31 ପ୍ରତିଶତକୁ ବୃଦ୍ଧି ଘଟିଥିଲା ।

***(ଅନୁଚ୍ଛେଦ 1.1)***

ଅର୍ଥ ବିଭାଗ ଅନ୍ତର୍ଗତ ବାଣିଜ୍ୟ କର ଅଙ୍ଗର 2019-20 ବର୍ଷ ମଧ୍ୟରେ 1,295.47 କୋଟି ଟଙ୍କା ଜଡ଼ିତ 599 ଟି ନିର୍ଦ୍ଧାରଣ ନଥି, ରିଟର୍ଣ୍ଣ, ଅର୍ଥ ଫେରସ୍ତ ରେଜିଷ୍ଟର ଏବଂ ଅନ୍ୟ ପ୍ରାସଙ୍ଗିକ ଅଭିଲେଖଗୁଡ଼ିକ ଯାଞ୍ଚ୍ ପାଇଁ ଅଡିଟକୁ ଉପଲବ୍ଧ କରାଯାଇ ନଥିଲା ।

***(ଅନୁଚ୍ଛେଦ 1.6.5)***

କର ଓ ଅଣ କର ରାଜସ୍ୱ ପ୍ରାପ୍ତି ସମ୍ବନ୍ଧୀୟ ନଥିପତ୍ରଗୁଡ଼ିକର ନମୁନା ଯାଞ୍ଚ ବେଳେ 2019-20 ବର୍ଷରେ 27,077 ଟି ମାମଲାରେ 1,592.96 କୋଟି ଟଙ୍କାର ଅବ ନିର୍ଦ୍ଧାରଣ/ ସ୍ୱଳ୍ପକର ବସାଣ/ ରାଜସ୍ୱ ହାନିଏବଂ ଅନ୍ୟାନ୍ୟ ମନ୍ତବ୍ୟ ଦର୍ଶାଯାଇଥିଲା ।

***(ଅନୁଚ୍ଛେଦ 1.9)***

## II. ମୂଲ୍ୟଯୁକ୍ତ କର, ପ୍ରବେଶ କର, ଦ୍ରବ୍ୟ ଏବଂ ସେବା କର ଇତ୍ୟାଦି

ଓଡ଼ିଶା ଭାଟ୍ ଅଧିନିୟମ ଅଧିନରେ ଅନିର୍ଦ୍ଦିଷ୍ଟ ଦ୍ରବ୍ୟର ଟିକସ ହାର ନିର୍ଦ୍ଧାରଣ ସମୟରେ ନିମ୍ନତର କର ବସାଣ ଯୋଗୁଁ 1.63 କୋଟି ଟଙ୍କାର କର ସ୍ୱଳ୍ପାଦାୟ ହେବା ସହ 3.26 କୋଟି ଟଙ୍କାର ଜରିମାନା ଆଦାୟ ହୋଇ ନଥିଲା।

***(ଅନୁଚ୍ଛେଦ 2.5.1)***

ବ୍ୟକ୍ତିଗତ ଗ୍ରାହକଙ୍କୁ ଜାରି କରାଯାଇଥିବା କ୍ରେଡିଟ୍ ନୋଟ ଗୁଡ଼ିକୁ ଅନିୟମିତ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଥିଲା, ଯାହାଫଳରେ 1.35 କୋଟି ଟଙ୍କାର କର ଓ ଜରିମାନା ସ୍ୱଳ୍ପାଦାୟ ହୋଇଥିଲା ।

***(ଅନୁଚ୍ଛେଦ 2.5.2)***

ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଭୁଲ ଭାବରେ ଓଡ଼ିଶା ରାଜ୍ୟ ସି ଫର୍ମକୁ ଆନ୍ତ ରାଜ୍ୟ ବିକ୍ରୟ ଭାବରେ ବିବେଚନା କରିଥିଲେ ଏବଂ କେନ୍ଦ୍ରୀୟ ବିକ୍ରୟ କର ଅଧିନିୟମ ଅନୁଯାୟୀ ରିହାତି ମୂଲ୍ୟରେ କର ଆଦାୟ କରିଥିଲେ ଯାହାଫଳରେ 1.26 କୋଟି ଟଙ୍କାର କର ସ୍ୱଳ୍ପାଦାୟ ହୋଇଥିଲା ।

***(ଅନୁଚ୍ଛେଦ 2.5.3)***

ନିର୍ଦ୍ଧାରଣ କର୍ତ୍ତୃପକ୍ଷ, ତିନି ମାସ ଅବଧି ଅତିକ୍ରମ ହେବା ପରେ କ୍ରେଡିଟ୍ ନୋଟ୍ ଗୁଡ଼ିକୁ ଅନିୟମିତ ଭାବେ ସ୍ୱୀକୃତି ପ୍ରଦାନ କରିଥିଲେ ଯାହାଫଳରେ 55.39 ଲକ୍ଷ ଟଙ୍କା ଅତିରିକ୍ତ ଫେରସ୍ତ ହୋଇଥିଲା ।

***(ଅନୁଚ୍ଛେଦ 2.5.4)***

ଓଡ଼ିଶା ରାଜ୍ୟ ଇ-ଓ 'ସି' ଫର୍ମ ଅଧିନରେ 17.57 କୋଟି ଟଙ୍କାର ବିକ୍ରୟ କାରବାରକୁ ନିର୍ଦ୍ଧାରଣ କର୍ତ୍ତୃପକ୍ଷ, ଅନିୟମିତ ଭାବରେ ଗ୍ରହଣ କରିଥିଲେ ଏବଂ କରର ରିହାତି ହାରକୁ ଅନୁମତି ଦେଇଥିଲେ ଯାହା ଫଳରେ ତିନି ପ୍ରତିଶତ ପାର୍ଥକ୍ୟ ହାରରେ 52.71 ଲକ୍ଷ ଟଙ୍କାର କର ସ୍ୱଳ୍ପାଦାୟ ହୋଇଥିଲା ।

***(ଅନୁଚ୍ଛେଦ 2.5.5)***

ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଶ୍ରମ ଓ ସେବା ଦେୟ ଉପରେ ଅତିରିକ୍ତ ରିହାତି ଅନୁମତି ଦେଇଥିଲେ ଯାହାଫଳରେ, 14.79 ଲକ୍ଷ ଟଙ୍କାର କର ଏବଂ ଜରିମାନା ସ୍ୱଳ୍ପାଦାୟ ହୋଇଥିଲା ।

***(ଅନୁଚ୍ଛେଦ 2.5.6)***

ନିର୍ଦ୍ଧାରଣ କର୍ତ୍ତୃପକ୍ଷ ଅନୁସୂଚିତ ଦ୍ରବ୍ୟ ଗୁଡ଼ିକର ବିକ୍ରି ଉପରେ ପ୍ରବେଶ କର ଲାଗୁ କରିନଥିଲେ ଯାହାଫଳରେ 19 ଲକ୍ଷ ଟଙ୍କାର ପ୍ରବେଶ କର ସହ ନିର୍ଦ୍ଧାରିତ କର ଉପରେ 38 ଲକ୍ଷ ଟଙ୍କାର ଜୋରିମାନା ସ୍ୱଳ୍ପରୋପଣ ହୋଇଥିଲା ।

***(ଅନୁଚ୍ଛେଦ 2.6.1)***

କର ପ୍ରଦାନର ଅତିରିକ୍ତ ବ୍ୟବସ୍ଥିତ ଯୋଗୁଁ 33 ଲକ୍ଷ ଟଙ୍କାର ପ୍ରବେଶ କରର କମ୍ ଦାବି।

***(ଅନୁଚ୍ଛେଦ 2.6.2)***

ଅନୁସୂଚିତ ଦ୍ରବ୍ୟର ବିକ୍ରି କାରବାର ଉପରେ ପ୍ରବେଶ କରର ସ୍ୱଳ୍ପାରୋପଣ ଫଳରେ 13.39 ଲକ୍ଷ ଟଙ୍କାର କର ଏବଂ ଜରିମାନା ସ୍ୱଳ୍ପାଦାୟ ।

***(ଅନୁଚ୍ଛେଦ 2.6.3)***

ବାଣିଜ୍ୟ କର ଓ ଦ୍ରବ୍ୟ ଓ ସେବା କର କମିଶନର, ଓଡ଼ିଶାଙ୍କର ତଥ୍ୟ (ଅକ୍ଟୋବର 2020) ଅନୁଯାୟୀ 653.68 କୋଟି ଟଙ୍କାର 3,122 ଟି ଆବେଦନ 31 ମାର୍ଚ୍ଚ 2020 ସୁଦ୍ଧା ପ୍ରାପ୍ତ ହୋଇଥିଲା । ସେଥି ମଧ୍ୟରୁ 304.58 କୋଟି ଟଙ୍କା ଜଡ଼ିତ ଥିବା 1,835 ଆବେଦନର ଫଏସଲା କରାଯାଇଥିଲା, 1078 ଟି ଆବେଦନରେ ଜଡ଼ିତ ₹251.32 କୋଟି ଟଙ୍କାର ମାମଲା ଖାରଜ କରାଯାଇଥିଲା ଏବଂ 97.78 କୋଟି ଟଙ୍କା ସମ୍ବଳିତ 209 ଟି ମାମଲା ପଡ଼ି ରହିଥିଲା ।

***(ଅନୁଚ୍ଛେଦ 2.7.5)***

## *III. ରାଜ୍ୟ ଅବକାରୀ*

ଜିଲ୍ଲା ଅବକାରୀ ଅଧିକାରୀ କାର୍ଯ୍ୟାଳୟ ଗୁଡ଼ିକ ତରଫରୁ ଲାଇସେନ୍ସଧାରୀ ଯେଉଁମାନେ କି ସମସ୍ତ ସର୍ବନିମ୍ନ ଗ୍ୟାରେଣ୍ଟି ପରିମାଣର ଦେଶୀ ମଦ, ଭାରତୀୟ ପ୍ରସ୍ତୁତ ଦେଶୀ ମଦ ଓ ବିଅରର ଉଠାଣ କରିପାରି ନଥିଲେ ତାଙ୍କ ବିରୁଦ୍ଧରେ ଦାବି ଉତ୍ଥାପନ କରିବାରେ ବିଫଳ ଯାହାଫଳରେ 8.31 କୋଟି ଟଙ୍କା ମୂଲ୍ୟର ଅବକାରୀ ଶୁଳ୍କ ଓ ଜରିମାନା ଅନାଦାୟ ହୋଇ ରହିଥିଲା ।

***(ଅନୁଚ୍ଛେଦ 3.5.1)***

ଅନଧିକୃତ ଅତିରିକ୍ତ ସମୟ ଚାଲୁଥିବା ପାଇଁ ଦାବି ଉତ୍ଥାପନରେ ଗଞ୍ଜାମ ଅବକାରୀ ଜିଲ୍ଲା ତରଫରୁ ବିଫଳତା, ଫଳସ୍ୱରୂପ ଗୋଟିଏ ପାତନଶାଳା ଖିଲାପକାରୀଙ୍କ ଠାରୁ 51.09 ଲକ୍ଷ ଟଙ୍କାର ଅବକାରୀ ଫି ପରିମାଣ ବାବଦରେ ସରକାରୀ ରାଜସ୍ୱର ଅନାଦାୟ ।

***(ଅନୁଚ୍ଛେଦ 3.5.2)***

ପଞ୍ଜୀକୃତ ହୋଇନଥିବା ଜମି ଚୁକ୍ତିନାମା ଦାଖଲ ବାବଦରେ 45.50 ଲକ୍ଷ ଟଙ୍କା ଫି ହାସଲ କରିବାର ଚାହିଦା ଅଧିକ୍ଷକମାନେ ଦାବି କରିନାହାନ୍ତି ।

***(ଅନୁଚ୍ଛେଦ 3.5.3)***

ଦୁଇଟି ପାତନଶାଳାରୁ 2018-19 ବର୍ଷ ପାଇଁ ପ୍ରତିଷ୍ଠାନ ଖର୍ଚ୍ଚ ବାବଦରେ ଅନାଦାୟ ଥିବା 13.06 ଲକ୍ଷ ଟଙ୍କାର ଦାବି ଉତ୍ଥାପନ ପାଇଁ ଦୁଇ ଜଣ ଅବକାରୀ ଅଧିକ୍ଷକଙ୍କ ବିଫଳତା ।

***(ଅନୁଚ୍ଛେଦ 3.5.4)***

## *IV. ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫି*

'ଉନ୍ନୟନ ରାଜିନାମା ଏବଂ ବିକ୍ରୟ ରାଜିନାମା', 'ଭାଗିଦାରୀ କବଲାର ଅବମୂଲ୍ୟାୟନ', 'ପଟ୍ଟା ରାଜିନାମାନୁସାରେ ବାଣିଜ୍ୟ ପାଇଁ ବ୍ୟବହୃତ ନିମନ୍ତେ ଭଡ଼ା ଦେଇ ଭଡ଼ା ନେବା', 'ହସ୍ତାନ୍ତରଣ ପରିବର୍ତ୍ତେ ଆଟର୍ଣ୍ଣିର କ୍ଷମତା ଦେବା', 'ପଟ୍ଟା କବଲାରେ ଭାରତୀୟ ଷ୍ଟାମ୍ପ ଅଧିନିୟମର, 1899 ବ୍ୟବସ୍ଥାକୁ ଅସଂଲଗ୍ନତା ହେତୁ' ଏବଂ କୋଠାଘର ଓ ଅଧିସଂରଚନା ଗୁଡ଼ିକର ଅବମୂଲ୍ୟାୟନ ଉପରେ 8.28 କୋଟି ଟଙ୍କାର ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫି ସ୍ୱଳ୍ପାଦାୟ ହୋଇଥିଲା ।

***(ଅନୁଚ୍ଛେଦ 4.5.1, 4.5.2, 4.5.3, 4.5.4, 4.5.5 & 4.5.6)***

## *V. ମୋଟର ଯାନ କର*

ଆଞ୍ଚଳିକ ପରିବହନ ଅଧିକାରୀମାନେ ପଞ୍ଜୀକୃତ ହୋଇଥିବା 7,634 ଟି ଯାନ ମାଲିକଙ୍କ ଠାରୁ 9.52 କୋଟି ଟଙ୍କାର ମୋଟର ଯାନ କର ଏବଂ 19.04 କୋଟି ଟଙ୍କାର ଜୋରିମାନା ଆଦାୟ କରିବାରେ ଅସଫଳ ହୋଇଥିଲେ ।

***(ଅନୁଚ୍ଛେଦ 5.5.1)***

## *VI. ଖଣିଜ ପ୍ରାପ୍ତି*

ଅନୁମୋଦିତ ପରିମାଣ ଠାରୁ ଅଧିକା ଲୁହାପଥର ଖନନ ସତ୍ତ୍ୱେ ଖଣି ଯୁଗ୍ମ-ନିର୍ଦ୍ଦେଶକଙ୍କ ଦ୍ୱାରା 456.46 କୋଟି ଟଙ୍କାର କ୍ରୟ ମୂଲ୍ୟ ଲିଜ୍‌ଧାରୀଙ୍କ ଠାରୁ ଅସୁଲ କରାଯାଇ ନଥିଲା ।

***(ଅନୁଚ୍ଛେଦ 6.5.1)***

ନିର୍ଦ୍ଧାରଣ ସମୟରେ କୋଇଲାର ରନ୍ ଅଫ୍ ମାଇନ ମୂଲ୍ୟରେ ସାଇଜିଙ୍ଗ୍ ଦେୟକୁ ଅନ୍ତର୍ଭୁକ୍ତ ନ କରିବା ଫଳରେ 41.50 କୋଟି ଟଙ୍କାର ସ୍ୱଳ୍ପାରୋପଣ ହୋଇଥିଲା ଏବଂ ଜାତୀୟ ଖଣିଜ ଅନୁସନ୍ଧାନ ଟ୍ରଷ୍ଟ ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ପ୍ରତି ଅବଦାନରେ 13.28 କୋଟି ଟଙ୍କାର ସ୍ୱଳ୍ପାଦାୟ ହୋଇଥିଲା ।

***(ଅନୁଚ୍ଛେଦ 6.5.2)***

ରୟାଲ୍‌ଟିର ବିଳମ୍ବିତ ପ୍ରଦାନ ଉପରେ 9.35 କୋଟି ଟଙ୍କାର ସୁଧ ଏବଂ ଡେଡ୍ ରେଣ୍ଟ ଓ ସର୍‌ଫେସ୍ ରେଣ୍ଟର ବିଳମ୍ବିତ ପ୍ରଦାନ ଉପରେ 22.30 ଲକ୍ଷ ଟଙ୍କାର ସୁଧ ଅସୁଲ କରାଯାଇ ନଥିଲା ।

***(ଅନୁଚ୍ଛେଦ 6.5.3)***

ଖଣି-ଉପନିର୍ଦ୍ଦେଶକ/ ଖଣି ଅଧିକାରୀମାନେ ଡେଡ୍ ରେଣ୍ଟ ବାବଦରେ 51.04 ଲକ୍ଷ ଟଙ୍କା ଓ ସରଫେସ୍ ରେଣ୍ଟ ବାବଦରେ 53.56 ଲକ୍ଷ ଟଙ୍କାର ଦାବି ଜାରି କରିନଥିଲେ ଯାହାଫଳରେ ଉକ୍ତ ରାଶି ଅସୁଲ ନ ହୋଇ ପଡ଼ିରହିଥିଲା ।

***(ଅନୁଚ୍ଛେଦ 6.5.4)***

ଖଣି-ଉପନିର୍ଦ୍ଦେଶକ, ରାଉରକେଲାଙ୍କ ଦ୍ୱାରା ବେସରକାରୀ ଯାନବାହାନ ଓଜନ ମାପକ ଯନ୍ତ୍ରରେ ନିୟୋଜିତ ସରକାରୀ କର୍ମଚାରୀଙ୍କ ବେତନ ଅଂଶ ସଂଗ୍ରହ ଏବଂ ସରକାରୀ ଖାତାରେ ଜମା କରାଯାଇ ନଥିଲା ଯାହାଫଳରେ ବେସରକାରୀ ଯାନବାହାନ ଓଜନ ମାପକ ଯନ୍ତ୍ରର ମାଲିକମାନଙ୍କୁ 1.02 କୋଟି ଟଙ୍କାର ଅନୁଚିତ୍ ଲାଭ ମିଳିଥିଲା ।

***(ଅନୁଚ୍ଛେଦ 6.5.5)***

ସାଜସଜ୍ଜା (ଡ଼େକୋରେଟିଭ୍) ପଥରର ଉପଯୋଗୀ ବର୍ଜ୍ୟ ପରିମାଣକୁ ସର୍ବାଧିକ ଉତ୍ପାଦନ ପରିମାଣରେ ଅନ୍ତର୍ଭୁକ୍ତ କରାନଯିବା ଫଳରେ 30.96 ଲକ୍ଷ ଟଙ୍କାର ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଫି କ୍ଷତି ହୋଇଥିଲା ।

***(ଅନୁଚ୍ଛେଦ 6.5.6)***